# ମୁକ୍ତ ବିଶ୍ୱବିଦ୍ୟାଳୟ ଆଞ୍ଚଳିକ ଶିକ୍ଷାକେନ୍ଦ୍ରରେ ପ୍ରବେଶ ଉତ୍ସବ

ବ୍ରହ୍ମପୁର, ୨୮।୮(ବ୍ୟୁରୋ): ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷାକେନ୍ଦ୍ର ଶଶିଭୂଷଣ ମହିଳା ମହାବିଦ୍ୟାଳୟ ସ୍ଥାପିତ କରାଯାଇଛି। ଆଜି ଏହି ଶିକ୍ଷାକେନ୍ଦ୍ରରେ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇ ମୁକ୍ତ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଓ ସଫଳତା ହାସଲ ଦିଗରେ ପିଲାଙ୍କୁ ବୁଝାଇଥିଲେ। ପାଠ୍ୟଖସଡ଼ା ସହ ପାଠ୍ୟକ୍ରମର ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ଗତବର୍ଷ ୩ଟି ପାଠ୍ୟକ୍ରମରେ ୨୨ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ଚଳିତବର୍ଷ ୧୨ଟି ଦକ୍ଷତା ଭିତ୍ତିକ ପାଠ୍ୟକ୍ରମରେ ୫୧ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ମ୍ୟାନେଜମେଣ୍ଟ ଡିପ୍ଲୋମା, ଗ୍ରାମ୍ୟ ଉନ୍ନୟନ ଡିପ୍ଲୋମା, ଗଣଯୋଗାଯୋଗ ଡିପ୍ଲୋମା ପ୍ରମୁଖ ୧୨ଟି ପାଠ୍ୟକ୍ରମ ରହିଛି। ଏସ୍‌ବିଆର୍ କଲେଜ ଅଧ୍ୟକ୍ଷ ସଂଗୀତା ବାବୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ କୋଅର୍ଡିନେଟର ସରୋଜ ମହାପାତ୍ର। ସମସ୍ତ ପାଠ୍ୟକ୍ରମର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ପାଠ୍ୟଖସଡ଼ା ଉପରେ ପିଲାଙ୍କୁ ବୁଝାଇଥିଲେ।